# NATIONAL NEWS BULLETIN (ODIA)
## 16 January - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଷ୍ଟାର୍ଟଅପ୍ ଇଣ୍ଡିଆ ମିଶନ୍ ୧୦ ବର୍ଷ ମଧ୍ୟରେ କ୍ରାନ୍ତିର ରୂପ ନେଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗ ଏବଂ ଆସାମକୁ ଆସନ୍ତାକାଲି ଦୁଇ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର କରିବେ ଶୁଭାରମ୍ଭ ।

- ବେଆଇନ୍ ନିଶାକାରବାର ତଥା ଅର୍ଥ ତୋଷରପାତକୁ ରୋକିବା ପାଇଁ ଦେଶର ୨୬ଟି ସ୍ଥାନରେ ଇଡି ପକ୍ଷରୁ ତଲାସୀ ଅଭିଯାନ ।
- ଇରାନ୍‌ରେ ବସବାସ କରୁଥିବା ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ସରକାର ପ୍ରତିବଦ୍ଧ ।

ଏବଂ

- ନଭି ମୁମ୍ବାଇଠାରେ ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଗୁଜରାଟ ଜାଏଣ୍ଟସ୍ ।

# ପିଏମ୍-ଷ୍ଟାର୍ଟ୍‌ଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କେବଳ ୧୦ ବର୍ଷ ମଧ୍ୟରେ ଷ୍ଟାର୍ଟ୍‌ଅପ୍ ଇଣ୍ଡିଆ ମିଶନ୍ ସମଗ୍ର ଦେଶରେ ଏକ କ୍ରାନ୍ତୀର ରୂପ ନେବା ସହ ଏକ ନୂତନ ସଂସ୍କୃତିର ଉଦୟ ହୋଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଜାତୀୟ ଷ୍ଟାର୍ଟଅପ୍ ଦିବସରେ ଷ୍ଟାର୍ଟ୍‌ଅପ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ପରିଣତ ହୋଇଛି । ଦେଶର ଯୁବବର୍ଗ ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ତତ୍ପରତା ପ୍ରକାଶ କରୁଥିବା ନେଇ ପ୍ରଧାନମନ୍ତ୍ରୀ ସେମାନଙ୍କ ନବସୃଜନ ତଥା ନୂତନ ସ୍ୱପ୍ନ ଦେଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି ।

**VO-PM**

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଆଜି ଭାରତ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାର ୧୦ ବର୍ଷ ପାଳନ କରିଛି ଏବଂ ଏହି ଯାତ୍ରା କେବଳ ସରକାରୀ ଯୋଜନାର ଏକ ସଫଳତାର କାହାଣୀ ନୁହେଁ ବରଂ ଲକ୍ଷ ଲକ୍ଷ ସ୍ୱପ୍ନକୁ ସାକାର କରିବାର ଏକ ଅନନ୍ୟ ପ୍ରୟାସ । ସେ କହିଛନ୍ତି, ୧୦ ବର୍ଷ ପୂର୍ବରୁ ଦେଶରେ ମାତ୍ର ୫୦୦ରୁ କମ୍ ଷ୍ଟାର୍ଟଅପ୍ ରହିଥିଲା । ତେବେ ଆଜି ଏହାର ସଂଖ୍ୟା ବୃଦ୍ଧି ପାଇ ୨ ଲକ୍ଷକୁ ଅତିକ୍ରମ କରିଛି । ସେ କହିଛନ୍ତି, ୨୦୧୪ରେ ଭାରତରେ କେବଳ ୪ଟି ୟୁନିକର୍ଣ୍ଣ ଥିବା ବେଳେ ବର୍ତ୍ତମାନ

୧୨୫ରୁ ଊର୍ଦ୍ଧ୍ୱ ୟୁନିକର୍ଣ୍ଣ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଏହି ସଫଳତାର କାହାଣୀ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଯେକୌଣସି ଉଦ୍ୟୋଗ ଆରମ୍ଭ କରିବା ପାଇଁ ପ୍ରଥମେ ସାହସର ଆବଶ୍ୟକତା ରହିଛି ଏବଂ ଦେଶର ଯୁବପିଢ଼ିଙ୍କ ପାଖରେ ଏହା ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ପୂର୍ବରୁ ଦେଶରେ କୌଣସି ଯୁବ ଶକ୍ତି ନୂତନ ଉଦ୍ୟୋଗ ଆରମ୍ଭ କରିବାକୁ ସାହସ କରୁନଥିବା ବେଳେ ଆଜି ସେମାନେ ନିଜକୁ ମୁଖ୍ୟ ସ୍ରୋତରେ ସାମିଲ କରି ଚାକିରି ପଛରେ ନ ଗୋଡ଼ାଇ ଉଦ୍ୟୋଗଗୁଡ଼ିକୁ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି । ଷ୍ଟାର୍ଟଅପ୍ କ୍ଷେତ୍ରରେ ସଫଳତା ପାଇବାରେ ଦେଶର ମହିଳାମାନଙ୍କର ଅଗ୍ରଣୀ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଦେଶର ୪୫ ପ୍ରତିଶତରୁ ଅଧିକ ଷ୍ଟାର୍ଟଅପ୍‌ଗୁଡ଼ିକରେ ନିଶ୍ଚିତ ଜଣେ ମହିଳା ନିର୍ଦ୍ଦେଶକ ଅବା ସହଯୋଗୀ ରହିଥିବାର ଦେଖିବାକୁ ମିଳୁଛି । ମହିଳାମାନେ ଷ୍ଟାର୍ଟଅପ୍‌ଗୁଡ଼ିକର ନେତୃତ୍ୱ ନେଉଥିବା ଦୃଷ୍ଟିକୁ ବିଚାର କଲେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଇକୋ ସିଷ୍ଟମ୍ ଭାବେ ପରିଗଣିତ ହେଉଛି । ଫଳରେ ଏହା ଦେଶର ସମୃଦ୍ଧିକୁ ବୃଦ୍ଧି କରିବାରେ ସହାୟକ ହୋଇପାରିଛି ।

**VO-PM**

ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିବା ସହ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍

କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧି ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଆସିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ମସିହା ଜାନୁଆରୀ ୧୬ ତାରିଖରେ ନବସୃଜନକୁ ପୋଷଣ କରିବା, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ତଥା ନିବେଶ-ଚାଳିତ ଅଭିବୃଦ୍ଧିକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଜାତୀୟ କାର୍ଯ୍ୟକ୍ରମ ଭାବରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ କରିଥିଲେ।

## ପିଏମ୍-ଆସାମ-ୱେଷ୍ଟବେଙ୍ଗଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ପଶ୍ଚିମବଙ୍ଗ ଏବଂ ଆସାମକୁ ଦୁଇ ଦିନିଆ ଗସ୍ତରେ ଯିବେ । ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ହାଓଡ଼ା ଏବଂ ଗୌହାଟୀ କାମାକ୍ଷା ମଧ୍ୟରେ ମାଲଦା ସହର ରେଳ ଷ୍ଟେସନ୍ ଏବଂ ଗୌହାଟୀ-କାମାକ୍ଷା-ହାଓଡ଼ା ମଧ୍ୟରେ ଆଭାସୀ ମାଧ୍ୟମରେ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ ।

ଆଧୁନିକ ଭାରତର ବର୍ଦ୍ଧିତ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିକଶିତ ହୋଇଥିବା ସମ୍ପୂର୍ଣ୍ଣ ବାତାନୁକୂଳିତ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଯାତ୍ରୀମାନଙ୍କୁ  କମ୍ ଖର୍ଚ୍ଚରେ ବିମାନ ଯାତ୍ରାର ଅଭିଜ୍ଞତା ପ୍ରଦାନ କରିବ ।  ଏହି ଟ୍ରେନ୍ ଦୂରଗାମୀ ଯାତ୍ରାକୁ ଦ୍ରୁତ, ସୁରକ୍ଷିତ ଏବଂ

ଅଧିକ ସୁବିଧା ଜନକ କରିବ । ଶ୍ରୀ ମୋଦୀ ପଶ୍ଚିମବଙ୍ଗର ମାଲଦାଠାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇ ୩ ହଜାର ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ ।

ପରେ ପ୍ରଧାନମନ୍ତ୍ରୀ ଚାରୋଟି ପ୍ରମୁଖ ରେଳ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିବେ । ଏଥିରେ ବାଲୁର୍‌ଘାଟ ଏବଂ ହିଲି ମଧ୍ୟରେ ନୂତନ ରେଳ ଲାଇନ୍, ନ୍ୟୁ-ଜଲପାଇଗୁଡ଼ିକର ପରବର୍ତ୍ତି ପିଢ଼ିର ମାଲ ପରିବହନରେ ସୁବିଧା, ସିଲିଗୁଡ଼ି ଲୋକ ସେଡର ଉନ୍ନତିକରଣ ଏବଂ ଜଲପାଇଗୁଡ଼ି ଜିଲ୍ଲାରେ ବନ୍ଦେ ଭାରତ ଟ୍ରେନ୍ ରକ୍ଷଣାବେକ୍ଷଣ ସୁବିଧାର ଆଧୁନିକୀକରଣ ମଧ୍ୟ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ ଏବଂ ମାଲପରିବହନ କାର୍ଯ୍ୟକୁ ସୁଦୃଢ଼ କରିବା ସହିତ ଉତ୍ତରବଙ୍ଗରେ ଲଜେଷ୍ଟିକ୍ ଦକ୍ଷତା ଉନ୍ନତ କରିବା ସହିତ  ଏହି ଅଞ୍ଚଳରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ପ୍ରଧାନମନ୍ତ୍ରୀ ମଧ୍ୟ ମାଲଦାଠାରେ ଆଭାସୀ ମାଧ୍ୟମରେ ୪ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ପରେ ସେ ଆସାମର ଗୌହାଟୀଠାରେ ବୋଡୋ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟକୁ ପାଳନ କରୁଥିବା ଐତିହାସିକ, ସାଂସ୍କୃତିକ କାର୍ଯ୍ୟକ୍ରମ 'ବାଗୁରୁମ୍ବା ଦ୍ୱହୁ-୨୦୨୬' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହି ଅବସରରେ ବୋଡ଼ୋ ସମ୍ପ୍ରଦାୟର ୧୦ ହଜାରରୁ ଅଧିକ କଳାକାର ଏକକ ଓ ସମନ୍ୱିତ ଉପସ୍ଥାପନାରେ ବାଗୁରୁମ୍ବା ନୃତ୍ୟ ପ୍ରଦର୍ଶନ କରିବେ ।

ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ମୋଦୀ ଆସାମର କାଳିଆ ବୋରୋରେ ୬ ହଜାର ୯୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାଜିରଙ୍ଗା ସମ୍ପ୍ରସାରିତ କରିଡ଼ର ପ୍ରକଳ୍ପ ପାଇଁ ଭୂମି ପୂଜନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଗୌହାଟୀ ଏବଂ ରୋହତକ, ଦିବ୍ରୁଗଡ଼ ଏବଂ ଲକ୍ଷ୍ନୌ ମଧ୍ୟରେ ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ସେହିଦିନ ମଧ୍ୟ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ହୁଗୁଳିର ସିଙ୍ଗୁର ଅଞ୍ଚଳ ଗସ୍ତ କରିବେ । ସେଠାରେ ଶ୍ରୀ ମୋଦୀ ୮୨୩ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିବେ । ସେହିପରି ଶ୍ରୀ ମୋଦୀ ବାଲାଗଡ଼ ଠାରେ ଏକ ଅନ୍ତର୍ଦେଶୀୟ ଜଳ ପରିବହନ ଟର୍ମିନାଲ୍ (ଆଇ.ଡବ୍ଲ୍ୟୁ.ଟି.) ରୋଡ୍ ଓଭର୍ ବ୍ରିଜ୍ ସମେତ ବନ୍ଦର ଗେଟ୍ ସିଷ୍ଟମ୍‌ର ମଧ୍ୟ ଶିଳାନ୍ୟାସ କରିବେ । ପରେ ପ୍ରଧାନମନ୍ତ୍ରୀ କୋଲକାତାରୁ ଅନ୍ୟ ରାଜ୍ୟକୁ ଯାତ୍ରା କରୁଥିବା ତିନୋଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିବେ ।

## ଇଡି ସର୍ଚ୍ଚେସ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ – ଇଡି ପକ୍ଷରୁ ଦେଶର ବିଭିନ୍ନ ରାଜ୍ୟର ୨୬ଟି ସ୍ଥାନରେ ତଲାସୀ ଅଭିଯାନ କରାଯାଇଛି । ଏଥିରେ ଓଡ଼ିଶା ସମେତ ଗୋଆ, ମହାରାଷ୍ଟ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଦିଲ୍ଲୀ ରହିଛି । ଏକ ବିବୃତ୍ତିରେ ଇଡି କହିଛି, ତଦନ୍ତର ଏକ ଅଂଶସ୍ୱରୂପ ଏହି ତଲାସୀ ଅଭିଯାନ କରାଯାଉଛି । ଦେଶର ବିଭିନ୍ନ ପ୍ରାନ୍ତରେ

ବେଆଇନ୍ ନିଶାକାରବାର ତଥା ଅର୍ଥ ତୋଷରପାତକୁ ରୋକିବା ପାଇଁ ଏହି ଅଭିଯାନ ବିଭାଗ ପକ୍ଷରୁ କରାଯାଉଛି । ଗୋଆ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା ଏବଂ କେରଳରେ ଚାଲିଥିବା ଏହି ତଲାସୀ ଅଭିଯାନ ଏକ ସୁ-ସଂଗଠିତ ଆନ୍ତଃରାଜ୍ୟ ମାଦକ ଦ୍ରବ୍ୟର ଚୋରା ଚାଲାଣକୁ ରୋକିପାରିବ ।

## ଏମ୍ଇଏ-ଇରାନ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଇରାନ୍‌ର ସାମ୍ପ୍ରତିକ ପରିସ୍ଥିତି ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଇରାନ୍‌ରେ ବସବାସ କରୁଥିବା ଭାରତୀୟ ନାଗରୀକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ବିହିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି, ଇରାନ୍‌ରେ ପ୍ରାୟ ୯ ହଜାର ଭାରତୀୟ ନାଗରୀକ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରଛାତ୍ରୀ ଅଟନ୍ତି । ଶ୍ରୀ ଜୟସ୍ୱାଲ କହିଛନ୍ତି, ବର୍ତ୍ତମାନ ଇରାନ୍‌ର ପରିସ୍ଥିତିକୁ ବିଚାରକୁ ନେଇ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଜାରି କରିଛି । ସାମ୍ପ୍ରତିକ ସ୍ଥିତିରେ ଭାରତୀୟମାନଙ୍କୁ ଇରାନ୍ ଗସ୍ତ କରିବା ପାଇଁ ବାରଣ କରାଯାଇଥିବା ବେଳେ ଯେଉଁମାନେ ସେଠାରେ ରହିଛନ୍ତି ଅତି ଶୀଘ୍ର ଭାରତ ଫେରିଆସିବାକୁ ଜୟସ୍ୱାଲ ପରାମର୍ଶ ଦେଇଛନ୍ତି ।

# ବିଜେପି-ବିଏମ୍‌ସି

ମୁମ୍ବାଇରେ ଅନୁଷ୍ଠିତ ବି.ଏମ୍.ସି. ନିର୍ବାଚନରେ ବଡ଼ଧରଣର ସଫଳତା ମଳିଥିବା ନେଇ ବିଜେପି ମହାରାଷ୍ଟ୍ରର ଜନସାଧାରଣଙ୍କୁ ସାଧୁବାଦ ଜଣାଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଦଳୀୟ ମୁଖପାତ୍ର ଡକ୍ଟର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ବି.ଏମ୍.ସି. ନିର୍ବାଚନରେ ବିଜେପି ଏବଂ ଏହାର ସହଯୋଗୀ ଦଳ ମହା-ଜ୍ୟୋତି ବିପୁଳ ସଫଳତା ହାସଲ କରିଛି । ସେ କହିଛନ୍ତି, ଏହି ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ଏବଂ ଏନ୍.ଡି.ଏ.କୁ ଲୋକମାନେ ଅଧିକ ଗ୍ରହଣ କରୁଥିବାର ପ୍ରମାଣ ମିଳିଛି । ଶ୍ରୀ ତ୍ରିବେଦୀ କହିଛନ୍ତି, ପୂର୍ବରୁ କେରଳର ତିରୁବନନ୍ତପୁରମ୍‌ରେ ବିଜେପି ପୌର ନିର୍ବାଚନରେ ପ୍ରଥମଥର ପାଇଁ ସଫଳତା ପାଇଥିବା ବେଳେ ମହାରାଷ୍ଟ୍ରରେ ବି.ଏମ୍.ସି. ନିର୍ବାଚନରେ ଅଭୁତପୂର୍ବ ସଂଖ୍ୟା ଗରିଷ୍ଠତା ହାସଲ କରିଛି ।

# କ୍ରିକେଟ୍

ନଭି ମୁମ୍ବାଇର ଡକ୍ଟର ଡି.ଓ୍ୱାଇ. ପାଟିଲ ସ୍ପୋର୍ଟସ୍ ଏକାଡେମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ପ୍ରିମିୟର୍ ଲିଗ୍ ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍ ପ୍ରତିଯୋଗିତାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ୍ ଜାଏଣ୍ଟସ୍ ମଧ୍ୟରେ ଆଉ କିଛି ସମୟ ପରେ ମ୍ୟାଚ୍ ଆରମ୍ଭ ହେବ । ଟସ୍ ଜିତି ଗୁଜରାଟ୍ ଜାଏଣ୍ଟସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।